Prahallad Khilla

M. A. IN ODIA, 1st Semester
Paper : ODI-103

# ଚଉତିଶା

ଡ. ପ୍ରହ୍ଲାଦ ଖିଲା
ସହକାରୀ ଅଧ୍ୟାପକ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସ ବିହାର, ବାଲେଶ୍ୱର

Prahallad Khilla

# ପାଠ୍ୟ ସଂରଚନା

- ଚଉତିଶା ଅଧ୍ୟୟନର ପ୍ରାସଙ୍ଗିକତା
- ଚଉତିଶାର ପରିଭାଷା ଓ ନାମକରଣ
- ଭାବକଳ୍ପ
- ବିଷୟ ବସ୍ତୁ
- ରୂପାୟଣ ଧର୍ମ
- ପ୍ରକାର

Prahallad Khilla

# ପ୍ରାସଙ୍ଗିକତା

- ପ୍ରାଚୀନ ଗୀତିକବିତା / ଚଉତିଶାର ସ୍ୱରୂପ ସମ୍ବନ୍ଧରେ ଅବଗତ ହେବା।
- ବର୍ଣ୍ଣ ପ୍ରୟୋଗର ଚମତ୍କାରିତା ଭିତରେ କବିର ନିର୍ମିତି ପ୍ରତିଭା ଜନିତ ସାମର୍ଥ୍ୟ ବିଶ୍ଳେଷଣ କରିବା।
- ଓଡ଼ିଶୀ ସାମାଜିକ - ସାଂସ୍କୃତିକ ଜନମାନସର କଳାତ୍ମକ ପ୍ରତିଫଳନ ବିଚାର କରିବା।
- କବିର କବିତ୍ୱ ଓ ଜୀବନ ଦର୍ଶନ ଅନୁଶୀଳନ।
- ଚଉତିଶାର ତାତ୍ତ୍ୱିକ ଅବବୋଧ ଓ ବ୍ୟବହାରିକ ଜ୍ଞାନର ଯଥାର୍ଥତା ବିଚାର।
- ପାଠକୀୟ ଆଦର ଓ ଲୋକ ଜୀବନରେ ପ୍ରଭାବ ଅନୁଶୀଳନ ।

# ପରିଭାଷା ନିରୂପଣ

- 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶିଟି ବ୍ୟଞ୍ଜନବର୍ଣ୍ଣକୁ କ୍ରମାନ୍ୱୟରେ ପଦର ଆଦ୍ୟରେ /ଆଦ୍ୟ ପ୍ରାନ୍ତରେ ବ୍ୟବହାର କରି ଗୀତି ରଚନା କରିବାର ବିଧି **ଚଉତିଶା** ନାମରେ ପରିଚିତ। ଚଉତିଶା ଗଠନ ବିଧାନର ସମଧର୍ମୀ କବିକୃତିକୁ ହିନ୍ଦୀ ସାହିତ୍ୟରେ **ଚୈତିଂଶା, କଖହରା , ଅଖରାବଟ** (ଅକ୍ଷରା ବର୍ତ୍ତ) ରୂପେ ନାମିତ କରାଯାଇଛି ।
- ସଂସ୍କୃତ ସାହିତ୍ୟର ସଙ୍ଗୀତ ଶାସ୍ତ୍ର ମାନଙ୍କରେ ବର୍ଣ୍ଣ ଆନୁକ୍ରମିକ ଗୀତିକା 'ମାତୃ ପ୍ରବନ୍ଧ'/ ମାତୃ ପ୍ରବନ୍ଧ ଗୀତ ନାମରେ ପରିଚିତ।
- ପାର୍ଶୀ , ଆରବୀ ଓ ଉର୍ଦ୍ଦୁ ସାହିତ୍ୟରେ ଚଉତିଶା ରୀତିର ସୃଜନ କର୍ମ **'ଦିବାନ୍'** ନାମରେ ଅଭିହିତ। ଏହାର ଅର୍ଥ କବିକୃତି ବା ଗଜଲ୍ ର ସଂଗ୍ରହ ।
- ଚଉତିଶା ବର୍ଣ୍ଣାନୁକ୍ରମରେ ଆରମ୍ଭ ହେଉଥିବା ବେଳେ **'ଦିବାନ୍'** ବର୍ଣ୍ଣାନୁକ୍ରମରେ ସମାପ୍ତ ହୁଏ।

Prahallad Khilla

# ମାତୃକା ପ୍ରବନ୍ଧ ଗୀତ

- ମାର୍ଗ ତାଳ = ଦିବ୍ୟ ମାତୃକା ପ୍ରବନ୍ଧ
- ପ୍ରାକୃତ ଭାଷାନୁସାରୀ ଦେଶୀ ତାଳ = ମାନୁଷୀ ମାତୃକା ପ୍ରବନ୍ଧ
- ମାର୍ଗ ତାଳ + ଦେଶୀ ତାଳ = ଦିବ୍ୟମାନୁଷୀ ମାତୃକା ପ୍ରବନ୍ଧ

ଚଉତିଶାର ନାମକରଣ : ଓଡ଼ିଆରେ ରଚିତ ଚଉତିଶାର ନାମକରଣ ବୈଚିତ୍ର୍ୟପୂର୍ଣ୍ଣ।

Prahallad Khilla

| ନାମକରଣ | | |
|---|---|---|
| 1.ସମ୍ବୋଧନ ମୂଳକ ପଦର ବ୍ୟବହାର ଅନୁସାରେ | କୃତି | କବି |
| କୋକିଳ | କୋକିଳ ଚଉତିଶା | ଅଭିମନ୍ୟୁ ସାମନ୍ତସିଂହାର |
| ହଂସଦୂତ | ହଂସଦୂତ ଚଉତିଶା | ଘନଶ୍ୟାମ |
| ଜାଇଫୁଲ | ଜାଇଫୁଲ ଚଉତିଶା | ଗୋପାଳକୃଷ୍ଣ |
| ମନାଇଁ | ମନାଇଁ ଚଉତିଶା | ଦୟା ଦାସ |
| ପ୍ରାଣସଖୀ | ପ୍ରାଣସଖୀ ଚଉତିଶା | ଦୀନକୃଷ୍ଣ ଦାସ |
| ଘନଶ୍ୟାମ | ଘନଶ୍ୟାମ ଚଉତିଶା | ଦୀନକୃଷ୍ଣ ଦାସ |
| ମରୁଆଫୁଲ | ମରୁଆଫୁଲ ଚଉତିଶା | ଦ୍ୱାରକା ଦାସ |
| ପ୍ରାଣବନ୍ଧୁ | ପ୍ରାଣବନ୍ଧୁ ଚଉତିଶା | ନରେନ୍ଦ୍ର କବି |
| ସୁନ୍ଦରୀ | ସୁନ୍ଦରୀ ଚଉତିଶା | ନରେନ୍ଦ୍ର କବି |
| କ୍ଷମାନିଧି | କ୍ଷମାନିଧି ଚଉତିଶା | ବ୍ରଜରାଜ ସିଂହ |
| ବଳାହକ | ବଳାହକ ଚଉତିଶା | ବ୍ରଜରାଜ ସିଂହ |
| ନିଆଳୀ | ନିଆଳୀ ଚଉତିଶା | ଲିଙ୍ଗରାଜ |
| କଳାନିଧି | କଳାନିଧି ଚଉତିଶା | ସିଂହ ଭ୍ରମରବର |

Prahallad Khilla

| ଚଉତିଶାର ନାମକରଣ | | |
|---|---|---|
| ସମ୍ବୋଧନ ମୂଳକ ପଦର ବ୍ୟବହାର ଅନୁସାରେ | ଚଉତିଶାର ନାମ | ରଚୟିତାଙ୍କ ନାମ |
| କୋଟିବ୍ରହ୍ମାଣ୍ଡ ସୁନ୍ଦରୀ | କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଚଉତିଶା | ଶ୍ୟାମଘନ |
| ଜୀବଜୀବନ | ଜୀବଜୀବନ ଚଉତିଶା | ଶ୍ୟାମଘନ |
| ବା | ବା ଚଉତିଶା | ଲୋକନାଥ |
| ସଖି ଭଲ ଏ / ସଖି ମନ୍ଦ ଏ | ଭଲମନ୍ଦ ଚଉତିଶା | ବଜୁରୀ ଦାସ |

Prahallad Khilla

| ନାମକରଣ | | |
|---|---|---|
| 2. ଦେବଦେବୀଙ୍କ ନାମାନୁସାରେ | ଚଉତିଶାର ନାମ | କବିଙ୍କ ନାମ |
| | କମଳିନୀ ଜଣାଣ ଚଉତିଶା | ଅଭିମନ୍ୟୁ ପଟ୍ଟନାୟକ |
| ବାଲୁଙ୍କେଶ୍ୱର | ବାଲୁଙ୍କେଶ୍ୱର ଜଣାଣ ଚଉତିଶା | କୃତିବାସ |
| ଗଣେଶ | ଗଣେଶ ସ୍ତୁତି ଚଉତିଶା | ଦିବାକର ଦାସ |
| ଗୌର ହରି | ଗୌର ହରି ଜଣାଣ ଚଉତିଶା | ଗଙ୍ଗା ପ୍ରସାଦ |
| ଲୋକନାଥ | ଲୋକନାଥ ଜଣାଣ ଚଉତିଶା | ଶ୍ରଦ୍ଧାମୟୀ ଦେବୀ |
| କାତ୍ୟାୟିନୀ | କାତ୍ୟାୟିନୀ ଜଣାଣ ଚଉତିଶା | ଶ୍ରଦ୍ଧାମୟୀ ଦେବୀ |
| ଆର୍ତ୍ତତ୍ରାଣ/ କୃପାସିନ୍ଧୁ | ଆର୍ତ୍ତତ୍ରାଣ ଚଉତିଶା | ଦୀନକୃଷ୍ଣ ଦାସ |

Prahallad Khilla

| ଚଉତିଶାର ନାମକରଣ | | |
|---|---|---|
| 3.ଚଉତିଶାରେ ଅନୁସୃତ ଆଳଙ୍କରିକ ରୀତି ଅନୁସାରେ | ଚଉତିଶାର ନାମ | କବି / ଚଉତିଶାକାର |
| ଯମକ ଅଳଙ୍କାର | ଯମକରାଜ ଚଉତିଶା | ଉପେନ୍ଦ୍ର ଭଞ୍ଜ |
| ପ୍ରତି ଚଉତିଶାର ପ୍ରତି ଚରଣର ଆଦ୍ୟରେ ଯଥାକ୍ରମେ - ର, ସ, ଚ, ପ, କ ବର୍ଣ୍ଣ ବ୍ୟବହୃତ | ରସପଞ୍ଚକସ୍ଥ -<br>ର କାର ଚଉତିଶା,<br>ସ କାର ଚଉତିଶା,<br>ପ କାର ଚଉତିଶା,<br>ଚ କାର ଚଉତିଶା ,<br>କ କାର ଚଉତିଶା | ଉପେନ୍ଦ୍ର ଭଞ୍ଜ |

Prahallad Khilla

| ଚଉତିଶାର ନାମକରଣ | | |
|---|---|---|
| 4. ଚଉତିଶାରେ ବ୍ୟବହୃତ ରାଗ ଅନୁସାରେ ଚଉତିଶାର ନାମ | ଚଉତିଶା | କବି |
| ସାତଟି ବୃତ୍ତ ଅନୁସୃତ | ସପ୍ତରାଗ ଚଉତିଶା | କ୍ଷତ୍ରିବର ଭଞ୍ଜ |
| ରସକଦମ୍ବ ବୃତ୍ତ | ରସକଦମ୍ବ ଚଉତିଶା | ଲୋକନାଥ ଧୀବର |
| 5. କବିଙ୍କ ନାମାନୁସାରେ ଚଉତିଶାର ନାମକରଣ | | |
| ବୀର ସିଂହ | ବୀର ସିଂହ ଚଉତିଶା | ବୀର ସିଂହ |
| ନନ୍ଦାବାଈ | ନନ୍ଦାବାଈ ଚଉତିଶା | ନନ୍ଦାବାଈ |
| ଲୋକନାଥ ଦାସ | ଲୋକନାଥ ଦାସଙ୍କ ଚଉତିଶା | ଲୋକନାଥ ଦାସ |
| ସୁବୁଦ୍ଧି ଗୋସାଇଁ | ସୁବୁଦ୍ଧି ଗୋସାଇଁଙ୍କ ଚଉତିଶା | ସୁବୁଦ୍ଧି ଗୋସାଇଁ |

Prahallad Khilla

| ଚଉତିଶାର ନାମକରଣ | | |
|---|---|---|
| **6. ଚଉତିଶା ବର୍ଣ୍ଣିତ ବିଷୟ ଓ ତଜ୍ଜନିତ ପରିଣତି ଦୃଷ୍ଟିରୁ** | **ଚଉତିଶାର ନାମ** | **ରଚୟିତାଙ୍କ ନାମ** |
| ରାଧା କୃଷ୍ଣ ମିଳନ | ମିଳନ ଚଉତିଶା | ଅର୍ଜୁନ ଦାସ |
| ସନ୍ଦେଶ ପ୍ରେରଣ | ସନ୍ଦେଶ ଚଉତିଶା | ବିଷ୍ଣୁ ଦାସ |
| **7. ଚଉତିଶା ବର୍ଣ୍ଣିତ ମୁଖ୍ୟ ଚରିତ୍ର / ଗୁଣ ଦୃଷ୍ଟିରୁ ନାମକରଣ** | | |
| | ବୈଦେହୀ ଚଉତିଶା | କିଶୋର ଦାସ |
| | ମନ୍ଦୋଦରୀ ଚଉତିଶା | ବିଶି |
| | ସୀତା - ସ୍ମରଣ ଚଉତିଶା | ସତ୍ୟବାଦୀ |
| | ବୀରହିଣୀ ଚଉତିଶା | ଶ୍ୟାମଘନ |
| | ରାଧାକୃଷ୍ଣ ଚଉତିଶା | ଦୀନକୃଷ୍ଣ ଚଉତିଶା |
| | ଜାନକୀ ବିଚ୍ଛେଦ ଚଉତିଶା | ରାମାନନ୍ଦ |
| | ରାଧା - କୃଷ୍ଣ ମିଳନ ଚଉତିଶା | ସୁଦର୍ଶନ |
| | ଗୋପୀ ରୋଦନ ଚଉତିଶା | ଶ୍ୟାମସୁନ୍ଦର |
| | | |

Prahallad Khilla

| ନାମକରଣ | | |
|---|---|---|
| ୫. ଘଟଣା ବିଶେଷ ଅନୁସାରେ ଚଉତିଶାର ନାମକରଣ | ଚଉତିଶାର ନାମ | ରଚୟିତାଙ୍କ ନାମ |
| | ମଥୁରାବିଜେ ଚଉତିଶା | ଗୋପୀନାଥ |
| | ସ୍ନାନୋତ୍ସବ ଚଉତିଶା | ଦୀନକୃଷ୍ଣ |
| | ବିଦେଶାନୁଚିନ୍ତା ଚଉତିଶା | ବାଳକୃଷ୍ଣ |
| | ବିଜୟ ଗମନ ଚଉତିଶା | ଭକ୍ତ ଦାସ |
| ୨.କଳ୍ପିତ ଭାବାନୁସାରୀ ଚଉତିଶାର ନାମକରଣ | | |
| | ଶରୀରଭେଦ ଚଉତିଶା | ରାମ ଦାସ |
| | ଅନ୍ତର୍ଦାହ ଚଉତିଶା | ରାଧା ଦେବୀ |
| | କାମଦୁଘା ଚଉତିଶା | ଲଡୁକେଶ |

Prahallad Khilla

# ଚଉତିଶାର ପ୍ରକାର ଓ ବିଶେଷତ୍ୱ

- ଓଡ଼ିଆ ସାହିତ୍ୟର କ୍ରମବିକାଶ ଦୃଷ୍ଟିରୁ ଦେଖିଲେ ଷୋଡ଼ଷ - ସପ୍ତଦଶ ଶତାବ୍ଦୀ ବେଳକୁ ଚଉତିଶା ରଚନା ଧାରା ବିକଶିତ ହୋଇଥିଲା । ଅନୁସୃତ ଭାବକଳ୍ପ , ବିଷୟ ବିନ୍ୟାସ, ପ୍ରକରଣ କୌଶଳ ଦିଗରୁ ଓଡ଼ିଆ ଚଉତିଶାର ପ୍ରକାର ନିରୂପଣ କରାଯାଇ**ଛି** ।

Prahallad Khilla

# ଭାବ ବିନ୍ୟାସ ଦୃଷ୍ଟିରୁ ଓଡ଼ିଆ ଚଉତିଶାର ପ୍ରକାର

| ବିଷୟ ମୂଳକ ପ୍ରାରୂପ | ଉପଜୀବ୍ୟ ବିଷୟ | ଦୃଷ୍ଟାନ୍ତ / ଚଉତିଶା | କବି |
|---|---|---|---|
| 1. ଭକ୍ତି ମୂଳକ ଚଉତିଶା | ଉପାସ୍ୟ ଦେବଦେବୀ ଓ ସେମାଙ୍କର ରୂପ, ଗୁଣ, ମହିମା, ଲୀଳା, ଉତ୍ସବ ଅନୁଷ୍ଠାନ ଏହାର ଉପଜୀବ୍ୟ ବିଷୟ। ଦେବଦେବୀଙ୍କ ନିକଟରେ ଆତ୍ମ ନିବେଦନ, ଆର୍ତ୍ତ ଭାବ ପ୍ରକାଶନ ଭିତ୍ତିରେ ଭକ୍ତି ଭାବ ବ୍ୟଞ୍ଜକ ଚଉତିଶା ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ। | ଲୋକନାଥ ଜଣାଣ ଚଉତିଶା--<br>ସୋମେଶ୍ୱର ଜଣାଣ ଚଉତିଶା-<br>ଦୀନବନ୍ଧୁ ଜଣାଣ ଚଉତିଶା - ଆର୍ତ୍ତ ତ୍ରାଣ ଚଉତିଶା - କମଳଲୋଚନ ଚଉତିଶା- ବାନାମ୍ବର ଚଉତିଶା-<br>ବିଶ୍ୱନାଥ ଜଣାଣ ଚଉତିଶା-<br>ନିଳାଦ୍ରୀଶ ଚଉତିଶା -<br>ଅଧମ ଉଦ୍ଧାରଣ ଚଉତିଶା - | ଶ୍ରଦ୍ଧାମଣି<br>ଅମର ସିଂହ<br>ଅଭିମନ୍ୟୁ<br>ଦୀନକୃଷ୍ଣ ଦାସ<br>ବଳରାମ ଦାସ<br>ଦୟା ଦାସ<br>ଆର୍ତ୍ତ ଦାସ<br>ଉପେନ୍ଦ୍ର ଭଞ୍ଜ<br>ଲୋକନାଥ |
| | | | |

| | | |
|---|---|---|
| 2. ପ୍ରୀତିଭାବ ପ୍ରଧାନ ଚଉତିଶା | ମିଳନ, ବିରହ, ଅନୁରାଗ, ପ୍ରବାସ ଚିନ୍ତା, ସ୍ମୃତି ଚାରଣ, ରୂପ ପ୍ରଶସ୍ତି, ମାନଭଞ୍ଜନ ଆଦି ପ୍ରଣୟ ଭାବାନା ମୂଳକ ଚଉତିଶା ପ୍ରୀତି ଭାବ ଦ୍ୟୋତକ ଚଉତିଶା ରୂପେ ପରିଚିତ । ଆରାଧ ଦେବଦେବୀଙ୍କ ସମେତ ପୁଷ୍ପ ସମ୍ପ୍ରୀତି, ନଦୀ ସମ୍ପ୍ରୀତି, ପକ୍ଷୀ ସମ୍ପ୍ରୀତି, ଆକାଶ ସମ୍ପ୍ରୀତି ଭିତରେ କବିମାନେ ନିଜର ପ୍ରଣୟ ଚେତନାକୁ ବର୍ଣ୍ଣାଢ୍ୟ କରିଛିନ୍ତି | ବର୍ଷା ଭାବନା ଚଉତିଶା, ପ୍ରବେଶ ଚଉତିଶା, ମନ୍ଦାକିନୀ ଚଉତିଶା ସନ୍ଦେଶ ଚଉତିଶା - ବିଷ୍ଣୁ ଦାସ, ଚିଟାଉ ଚଉତିଶା - ଉପେନ୍ଦ୍ର ଭଞ୍ଜ, ଜାଇଫୁଲ ଚଉତିଶା, ବିରହୀ ଚଉତିଶା - କବିସୂର୍ଯ୍ୟ ବଳଦେବ ରଥ, ସୁନ୍ଦରୀ ଚଉତିଶା - ନରେନ୍ଦ୍ର, କୋକିଳ ଚଉତିଶା - ଅଭିମନ୍ୟୁ ସାମନ୍ତସିଂହାର, ଜଳଧର ଚଉତିଶା - ବ୍ରଜରାଜ, ହଂସ ଦୂତ ଚଉତିଶା - ଶ୍ୟାମଘନ, ବିଦେଶାନୁଚିନ୍ତା ଚଉତିଶା - ବାଳକୃଷ୍ଣ ପ୍ରଭୃତି ପ୍ରଣୟ ପ୍ରଧାନ ଚଉତିଶାର ଦୃଷ୍ଟାନ୍ତ। |

| | | |
|---|---|---|
| 3.ପୌରାଣିକ / ଆଖ୍ୟାନ ମୂଳକ ଚଉତିଶା | ପୁରାଣ ଆଧାରିତ ବିଷୟ ଓ ଉପାଖ୍ୟାନକୁ ଉପଜୀବ୍ୟ କରି ରଚିତ ହୋଇଥିବା ଚଉତିଶା ପୌରାଣିକ ଚଉତିଶା ରୂପେ ପରିଚିତ ରାମାୟଣ, ମହାଭାରତ, ଭାଗବତ, ଶିବ ପୁରାଣ ଆଦିରୁ ଘଟଣା ଓ ଆଖ୍ୟାନ ମାନ ଗ୍ରହଣ କରି ଚଉତିଶା ଆକାରରେ ମୁଲ୍ୟବୋଧ ଯୁକ୍ତ ରୂପାୟଣ କରାଯାଇଛି । ପୌରାଣିକ ଚଉତିଶାରେ ପୌରାଣିକ ଚରିତ୍ର ମାନଙ୍କର ଜୀବନରେ ସଂଘଟିତ ହୋଇଥିବା ଆବେଗମୟତା ଓ ଅନୁଭବ ଓ ଦର୍ଶନ ପ୍ରକାଶିତ ହୋଇଥାଏ | ଜାନକୀ ବିଚ୍ଛେଦ ଚଉତିଶା - ରାମାନନ୍ଦ, ସୀତା ସ୍ମରଣ ଚଉତିଶା - ସତ୍ୟବାଦୀ, କଳସା ଚଉତିଶା - ବସ୍ତା ଦାସ, କଳାନିଧି ଚଉତିଶା - ଭ୍ରମର ବର, ମୋହନା ଚଉତିଶା - ବାଲୁଙ୍କେଶ୍ୱର, ମନ୍ଦୋଦରୀ ଚଉତିଶା - କବି ବିଶି, ଗୋପୀ ରୋଦନ ଚଉତିଶା - ଶ୍ୟାମସୁନ୍ଦର, ବୈଦେହୀ ଚଉତିଶା - କିଶୋର ଦାସ, ମଥୁରା ବିଜେ ଚଉତିଶା - ଗୋପିନାଥ, ରାଧା କୃଷ୍ଣ ମିଳନ ଚଉତିଶା - ସୁଦର୍ଶନ, କଳା କଳେବର ଚଉତିଶା - ଭକ୍ତ ଚରଣ, |

Prahallad Khilla

| | | |
|---|---|---|
| 4. ତତ୍ତ୍ୱାଶ୍ରୟୀ ଚଉତିଶା / ଚିନ୍ତା ଧର୍ମୀ ଚଉତିଶା | ଧାର୍ମିକ ତଥା ଆଧାତ୍ମିକ ମୁଲ୍ୟବୋଧର ଏହାର ଅନ୍ତର୍ଭୁକ୍ତ। ଶରୀର ଭେଦ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ରାଧା ଭାବ, ସାକ୍ଷ୍ୟ ଭାବ, ଜୀବ ପରମ ତତ୍ତ୍ୱ, ଆତ୍ମ ସମର୍ପଣ ଭାବ, ବୈଷ୍ଣବ ତତ୍ତ୍ୱ, ଶ୍ରୀ ଜଗନ୍ନାଥ ତତ୍ତ୍ୱ ଆଦି ଆଧାରରେ ଅନେକ ଚଉତିଶା ରଚିତ ହୋଇଛି । ମନଶିକ୍ଷା ମୂଳକ ପ୍ରସଙ୍ଗ ତାତ୍ତ୍ୱିକ ଚଉତିଶାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। | ଶରୀର ଭେଦ ଚଉତିଶା - ରାମ ଦାସ, ଅନ୍ତର୍ଦାହ ଚଉତିଶା - ରାଧାଦେବୀ, ନିର୍ଗୁଣ ପଡି ଚଉତିଶା - ରାଧା କିଶୋର, କାମଦୁଘା ଚଉତିଶା - ଲଡୁକେଶ , ଉଦ୍ଭବ ଚଉତିଶା - ଭୂପତି ପଣ୍ଡିତ, ଦୃଷ୍ଟାନ୍ତ ଚଉତିଶା - ଭୂପତି ପଣ୍ଡିତ, ମନବୋଧ ଚଉତିଶା - ଭକ୍ତ ଚରଣ ଦାସ, ମନାଇ ଚଉତିଶା - ଦୟା ଦାସ, ବା ଚଉତିଶା - ଲୋକନାଥ, ଓଲଟ ଚଉତିଶା - ଭୀମ ଭୋଇ, |
| | | |

# ତତ୍ତ୍ୱାଶ୍ରୟୀ ଚଉତିଶା / ଚିନ୍ତା ଧର୍ମୀ ଚଉତିଶା

- ମରୁଆ ଫୁଲ ଚଉତିଶା - ଦ୍ୱାରିକା ଦାସ, ପାକେଲା ଚଉତିଶା - କବି ରବି, ଭାବାର୍ଥ ଚଉତିଶା - କାଶୀ ନାଥ, ଜୀବନ ଚଉତିଶା - ଚତୁର୍ଭୁଜ (ବ୍ରହ୍ମଧର୍ମ ତତ୍ତ୍ୱ ), ବୀର ସିଂହ ଚଉତିଶା - ବୀର ସିଂହ (ବୌଦ୍ଧ ଧର୍ମ ତତ୍ତ୍ୱ), ବ୍ରହ୍ମଜ୍ଞାନ ଚଉତିଶା - ବଲ୍ଲଭ ଦାସ, ଶରୀର ଭେଦ ଚଉତିଶା - ବଲ୍ଲଭ ଦାସ, ଭଲମନ୍ଦ ଚଉତିଶା - ବଜୁରି ଦାସ, ସାନ କନଡ଼ା ଚଉତିଶା - ଦନାଇ ଦାସ, ସୁବୁଦ୍ଧି ଚଉତିଶା - ସୁବୁଦ୍ଧି ଗୋସାଇଁ ପ୍ରଭୃତି ତାତ୍ତ୍ୱିକ ଚଉତିଶାର ଦୃଷ୍ଟାନ୍ତ।

Prahallad Khilla

| 5. ଉତ୍ସବ ଓ ବିବିଧ ଚିତ୍ତ ବୃତ୍ତି ମୂଳକ ଚଉତିଶା | ପରିଭାଷା | କେତୋଟି ଦୃଷ୍ଟାନ୍ତ |
| --- | --- | --- |
| | ବିଭିନ୍ନ ଦେବାଦେବୀ ଓ ବିଭିନ୍ନ କ୍ଷେତ୍ରର ଉତ୍ସବ, ପର୍ବପର୍ବାଣି ଆଧାରରେ ରଚିତ ଚଉତିଶା ଉତ୍ସବ ମୂଳକ ଚଉତିଶା ନାମରେ ନାମିତ । ସେହିପରି ବିଭିନ୍ନ ପରିବେଶ ଓ ଜୀବନର ପ୍ରାସଙ୍ଗିକ ମୁଲ୍ୟବୋଧ ଭିତିକ ନୀତି, ଶିକ୍ଷା, ଉପଦେଶ ଧର୍ମୀ ଭାବବସ୍ତୁ ଅନୁସୃତ ଚଉତିଶା ଚିତ୍ତବୃତ୍ତି ମୂଳକ ଚଉତିଶା ରୂପେ ପରିଚିତ । | ଗୁଣ୍ଡିଚା ଭାବନା ଚଉତିଶା, ସ୍ନାନ ଉତ୍ସବ ଚଉତିଶା - ଦୀନକୃଷ୍ଣ, ଗୁଣ୍ଡିଚା ବିଜେ ଚଉତିଶା - ବ୍ରଜ ନାଥ, ଚନ୍ଦନ ଯାତ୍ରା ଚଉତିଶା - ରାଜକିଶୋର, ପହଳି ଚଉତିଶା - ଦନାଇ ଦାସ, ଭଲମନ୍ଦ ଚଉତିଶା - ନିଧିରଥ, ନନ୍ଦାବାଇ ଚଉତିଶା - ନନ୍ଦା ବାଇ, ନୀଳଗିରି ଚଉତିଶା - ଜଗନ୍ନାଥ ଦାସ, ଦୂତୀ ଚଉତିଶା - ବଳରାମ ଦାସ, ଅନୁଚିନ୍ତା ଚଉତିଶା - ଧନଞ୍ଜୟ ପ୍ରଭୃତି । |
| | | |

Prahallad Khilla

# ଚଉଡିଶାର ପ୍ରକାର

## ଗଠନ ପ୍ରକ୍ରିୟା ଆଧାରରେ

# ଗଠନ ପ୍ରକ୍ରିୟା ଦିଗରୁ ଚଉତିଶାର ପ୍ରକାର

- ବ୍ୟଞ୍ଜନ ବର୍ଣ୍ଣାଦ୍ୟ ଚଉତିଶା
- ବ୍ୟଞ୍ଜନ ବର୍ଣ୍ଣାନ୍ତ୍ୟ ଚଉତିଶା
- ଆଦ୍ୟପ୍ରାନ୍ତ ବର୍ଣ୍ଣାନୁକ୍ରମିକ ଚଉତିଶା
- ମଧ୍ୟାକ୍ଷର କ୍ରମିକ ଚଉତିଶା
- ବିଲୋମ ଶୃଙ୍ଖଳାର ଚଉତିଶା
- ମେଷ ଯୁଦ୍ଧ ଚଉତିଶା
- ଶୃଙ୍ଖଳା ମୂଳକ ଚଉତିଶା

# ବ୍ୟଞ୍ଜନ ବର୍ଣ୍ଣାଦ୍ୟ ଚଉତିଶା

- କ ଠାରୁ କ୍ଷ ପର୍ଯ୍ୟନ୍ତ 34 ଟି ବ୍ୟଞ୍ଜନ ବର୍ଣ୍ଣ କ - ଖ-ଗ - ଘ ଅନୁକ୍ରମରେ ପାଦ /ପଦ ର ପ୍ରାରମ୍ଭରେ ବ୍ୟବହୃତ ହୋଇଥାଏ ।

- ଦୀନଜନ ଜଣାଣ ଚଉତିଶା -ଅଭିମନ୍ୟୁ
- କମଳ ଲୋଚନ ଚଉତିଶା -ବଳରାମ ଦାସ
- କ୍ଷେତ୍ରବର ଚଉତିଶା - ବିଷ୍ଣୁ ଦାସ
- ଚିଟାଉ ଚଉତିଶା -ଉପେନ୍ଦ୍ର ଭଞ୍ଜ
- କଳସା ଚଉତିଶା - ବତ୍ସା ଦାସ
- ମନବୋଧ ଚଉତିଶା - ଭକ୍ତ ଚରଣ ଦାସ
- ଉଦ୍ଧବ ଚଉତିଶା - ଭୂପତି ପଣ୍ଡିତ
- କେଳି କଳ୍ପ ଦ୍ରୁମ ଚଉତିଶା - ଧନଞ୍ଜୟ
- ଲେଖା ଚଉତିଶା - ମଦନ ମୋହନ

# 2. ବ୍ୟଞ୍ଜନ ବର୍ଣ୍ଣାନ୍ତ ଚଉତିଶା

- ବ୍ୟଞ୍ଜନ ବର୍ଣ୍ଣକୁ କ୍ରମାନ୍ୱୟରେ ପ୍ରତି ପାଦ / ପ୍ରତି ପଦର ପ୍ରାନ୍ତ ବର୍ଣ୍ଣ ରୂପେ ବ୍ୟବହାର କରି ଚଉତିଶା ରଚିତ ହୋଇଥାଏ ।
- ରସପଞ୍ଚକର ( ଉପେନ୍ଦ୍ର ଭଞ୍ଜ) କ- କାର ଚଉତିଶା ଓ ର - କାର ଚଉତିଶା ଏ ଶୃଙ୍ଖଳାରେ ରଚିତ ।

Prahallad Khilla

| 3. ଆଦ୍ୟ ପ୍ରାନ୍ତ ବର୍ଣ୍ଣାନୁକ୍ରମିକ ଚଉତିଶା | କ ଠାରୁ କ୍ଷ ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ବର୍ଣ୍ଣ ପ୍ରତି ପଦର ପ୍ରତି ପାଦର ଆଦ୍ୟ ଓ ପ୍ରାନ୍ତ ବର୍ଣ୍ଣ ନିୟମରେ ଚଉତିଶା ରଚନା କରାଯାଇଥାଏ । | ମହାଦେବ ଜଣାଣ ଚଉତିଶା - ବୈଦ୍ୟନାଥ |
|---|---|---|
| 4. ମଧ୍ୟାକ୍ଷର କ୍ରମିକ ଚଉତିଶା | ପ୍ରତ୍ୟେକ ପଦର ପ୍ରତ୍ୟେକ ଚରଣରେ ମଧ୍ୟ ଅବସ୍ଥାରେ ସଂଯୋଜିତ ଶବ୍ଦରେ ଅକ୍ଷର କ୍ରମ ସୁରକ୍ଷିତ ରଖି ଚଉତିଶା ରଚନାର ବିଧି ଅନୁସୃତ ହଇଥାଏ । | ଚତୁରୀ ଚଉତିଶା ( ଯଦୁନାଥ) ର ଦ୍ୱିତୀୟ ଅଧ୍ୟାୟ |
| 5.ବିଲୋମ ଚଉତିଶା / ଓଲଟ ଚଉତିଶା | କ୍ଷ ଠାରୁ କ ( ବ୍ୟଞ୍ଜନ ବର୍ଣ୍ଣ ଶୃଙ୍ଖଳାର ବିପରୀତ କ୍ରମ) ପର୍ଯ୍ୟନ୍ତ ବର୍ଣ୍ଣ ମାଳାକୁ ଆଦ୍ୟ, ପ୍ରାନ୍ତ, ଆଦ୍ୟ - ପ୍ରାନ୍ତ ନିୟମରେ ପାଦ /ପଦ ରଚନା କରାଯାଇଥାଏ । | ମଙ୍ଗଳା ଚଉତିଶା - ବୈଷ୍ଣବ ପାଣି,<br>ଓଲଟ ଚଉତିଶା - ଭୀମ ଭୋଇ |
| 6. ମେଷଯୁଦ୍ଧ ଚଉତିଶା | ଅଗ୍ର ପଶ୍ଚାତ୍ ବର୍ଣ୍ଣାନୁକ୍ରମିକ ସଜ୍ଜିକରଣ ପଦ୍ଧତିରେ (ମେଷ ଯୁଦ୍ଧ କରିବା ପରି) ଏହି ଚଉତିଶା ରଚିତ । ଅର୍ଥାତ୍ ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ 'କ' ପରେ ଶେଷ ବ୍ୟଞ୍ଜନ ବର୍ଣ୍ଣ 'କ୍ଷ' ପୁଣି ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣ "ଖ" ପରେ 33 ସଂଖ୍ୟକ ବ୍ୟଞ୍ଜନ "ହ" ଅନୁକ୍ରମ ରେ ପ୍ରତି ପାଦର ବର୍ଣ୍ଣାଦ୍ୟ ଶବ୍ଦ ପ୍ରୟାଗ କରାଯାଇଥାଏ । (ମେଷଯୁଦ୍ଧ ଚଉତିଶା - ଶ୍ୟାମ ଘନ) | ଏହି ଧରଣର ଚଉତିଶା ନଅ ଗୋଟି ପଦ ବିଶିଷ୍ଟ। ପ୍ରଥମ ଆଠଟି ପଦ ଚାରି ପାଦ ଯୁକ୍ତ ଏବଂ ଶେଷ ପଦ ଦୁଇ ପାଦ ବିଶିଷ୍ଟ। ଏହି ରୀତି ରେ ଶେଷ ପଦଟି "ଦ" ବର୍ଣ୍ଣାଦ୍ୟରେ ରଚିତ ହୁଏ। ଯଥା - କ, କ୍ଷ, ଖ, ହ / ଗ, ସ, ଘ, ଷ / ଙ -ନ - ଅ, ଶ, ଚ, ଲ / ଛ, ଲ, ଜ, ର / ଝ, ଯ-ୟ,ଞ-ଅ, ମ / ଟ, ଭ, ଠ, ବ / ଡ, ଫ, ଢ, ପ / ଣ - ଅ, ନ, ତ, ଧ / ଥ, ଦ । |

| | | |
|---|---|---|
| **7. ଶୃଙ୍ଖଳା ମୂଳକ ଚଉତିଶା** | ଏପ୍ରକାର ଚଉତିଶାର ପାଦର ଆରମ୍ଭରେ ବ୍ୟଞ୍ଜନ ବର୍ଣ୍ଣ ଟିଏ ରହିଲେ ସେହି ପାଦର ଶେଷରେ ପରବର୍ତ୍ତୀ ବ୍ୟଞ୍ଜନ ବର୍ଣ୍ଣ ବର୍ଣ୍ଣା ନ୍ତ ଧର୍ମରେ ବ୍ୟବହୃତ ହୋଇଥାଏ। ଏହି ରୀତି ରେ ପ୍ରଥମ ପାଦର ଆଦ୍ୟ ଶବ୍ଦ "କ" ହେଲା ବର୍ଣ୍ଣା ନ୍ତ ଶବ୍ଦ ରୂପେ "ଖ" ବ୍ୟବହୃତ ହୁଏ । | |
| | ଏହି କ୍ରମାନୁସାରେ ପରବର୍ତ୍ତୀ ଆଦ୍ୟ ବର୍ଣ୍ଣ ଗୁଡ଼ିକ ହେବେ - ଖ, ନ, ଛ, ଝ, ଟ, ଡ, ନ, ଥ, ଧ, ପ, ବ, ମ, ର, ଲ, ଷ, ହ । ସେହିପରି ବର୍ଣ୍ଣା ନ୍ତ ବ୍ୟଞ୍ଜନ ରୂପେ ବ୍ୟବହୃତ ହେବେ - ଚ, ଜ, ନ, ଠ, ଢ, ତ, ଦ, ନ, ଫ, ଭ, ଯ, ଲ, ଶ, ସ, କ୍ଷ ପ୍ରଭୃତି ବର୍ଣ୍ଣ । | |
| | | ଦୃଷ୍ଟାନ୍ତ - କ) ସମ୍ବୋଧନ ମୂଳକ ଚଉତିଶା, ଖ) ସଂଦେଶାତ୍ମକ ଚଉତିଶା, ଗ) ରାଗ ଆଶ୍ରିତ ଚଉତିଶା ଇତ୍ୟାଦି । |